# NATIONAL NEWS BULLETIN (ODIA)

## 16 May - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଏକବିଂଶ ଶତାବ୍ଦୀର ଭାରତ ଏକ ସୁଯୋଗ ସୃଷ୍ଟିକାରୀ ରାଷ୍ଟ୍ର, ନେଦରଲ୍ୟାଣ୍ଡସ୍‌ରେ ପ୍ରବାସୀ ଭାରତୀୟ ସମୁଦାୟଙ୍କୁ ସମ୍ବୋଧନ କରି କହିଲେ ପ୍ରଧାନମନ୍ତ୍ରୀ ।
- ଗୁଜରାଟରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଆଜି ପୁନେର ଅଧ୍ୟାପିକାଙ୍କୁ ଗିରଫ୍ କଲା ସି.ବି.ଆଇ. ।
- ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ବର୍ଗରେ ଭାରତୀୟ ଯୋଡ଼ିଙ୍କ ଫାଇନାଲ୍‌ରେ ପ୍ରବେଶ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ବିରୁଦ୍ଧରେ ଟସ୍ ଜିତି ଗୁଜରାଟ ଟାଇଟାନ୍ସର ବୋଲିଂ ନିଷ୍ପତ୍ତି ।

# ପିଏମ୍-କମ୍ୟୁନିଟି ଇଭେଣ୍ଟ ନେଦରଲ୍ୟାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କହିଛନ୍ତି, ଭାରତ ଏବଂ ନେଦରଲ୍ୟାଣ୍ଡ ଏକ ବିଶ୍ୱସନୀୟ, ସ୍ୱଚ୍ଛ ଏବଂ ଭବିଷ୍ୟତ ପାଇଁ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଗତ ଦଶନ୍ଧି ଧରି ବୈଶ୍ୱିକ ଅସ୍ଥିରତା ପରିସ୍ଥିତି ଏବଂ ବିଭିନ୍ନ ସମସ୍ୟା ସତ୍ତ୍ୱେ ଭାରତ ଏହାର ମୁକାବିଲା ଦିଗରେ କାର୍ଯ୍ୟ କରି ଆସୁଛି । ନେଦରଲ୍ୟାଣ୍ଡର ହଗ୍‌ଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତୀୟ ସମୁଦାୟଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ବର୍ତ୍ତମାନ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛି । ବିଶ୍ୱ' କୋଭିଡ୍ ନାଇଣ୍ଟିନ୍ ମହାମାରୀ, ପଶ୍ଚିମ ଏସିଆରେ ଚାଲିଥିବା ବିବାଦଜନକ ପରିସ୍ଥିତି ଏବଂ ଶକ୍ତି ସଂକଟର ସମ୍ମୁଖୀନ ହେଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି । **VO-PM Covid**

ଆର୍ଥିକ ସୁଦୃଢ଼ିକରଣ ଦିଗରେ ବିଶ୍ୱସ୍ତରରେ ଉଦ୍ୟମ ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ନେଦରଲ୍ୟାଣ୍ଡ ମିଳିତ

ଭାବେ ଯୋଗାଣ ଶୃଙ୍ଖଳା ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଭାରତ ବିଶ୍ୱରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଦିଗରେ ଅଗ୍ରସର ହେଉଛି । ଏକବିଂଶ ଶତାବ୍ଦୀରେ ଦେଶ ଏକ ସୁଯୋଗ ସୃଷ୍ଟିକାରୀ ରାଷ୍ଟ୍ର ଭାବେ କାର୍ଯ୍ୟ କରୁଛି । ଉଭୟ ପ୍ରଯୁକ୍ତିବିଦ୍ୟା ଏବଂ ମାନବ ସମ୍ବଳକୁ ପ୍ରୟୋଗ କରି ଏହାକୁ ବାସ୍ତବତାରରେ ପରିଣତ କରିବା ଲାଗି କାର୍ଯ୍ୟ କରୁଥିବା ଶ୍ରୀ ମୋଦୀ କହିଛନ୍ତି । ନେଦରଲାଣ୍ଡ ସମାଜ ଏବଂ ଏହାର ଅର୍ଥନୀତିରେ ପ୍ରବାସୀ ଭାରତୀୟଙ୍କ ଅବଦାନ ପାଇଁ ଭାରତ ଗର୍ବ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏଥିଲାଗି ନେଦରଲାଣ୍ଡର ଜନତା ଏବଂ ସରକାରଙ୍କ ପ୍ରତି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି ।

**VO-**

ପ୍ରଧାନମନ୍ତ୍ରୀ ନେଦରଲ୍ୟାଣ୍ଡର ରାଜା ୱିଲିୟମ୍ ଆଲେକ୍‌ଜାଣ୍ଡାର ଏବଂ ରାଣୀ ମ୍ୟାକ୍ସିମାଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି ।

ପଞ୍ଚରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ଗତକାଲି ବିଳମ୍ବିତ ରାତ୍ରିରେ ନେଦରଲ୍ୟାଣ୍ଡସ୍‌ରେ ପହଞ୍ଚିଥିଲେ । ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ରଣନୈତିକ ତଥା ଆର୍ଥିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

# ଅମିତ ଶାହା–ଗୁଜରାଟ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାଙ୍କ ଗୁଜରାଟ ଗସ୍ତ କାଳରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଅହମ୍ମଦାବାଦ ଏବଂ ଗାନ୍ଧିନଗର ଠାରେ ଅନୁଷ୍ଠିତ ବୈଠକରେ ସେ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରିତାର ଆଲୋଚନା କରିଛନ୍ତି । ଗାନ୍ଧିନଗର ଲୋକସଭା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ଚାରା ରୋପଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସାର୍ଖେଜ୍‌-ଗାନ୍ଧିନଗର କରିଡ଼ରର ଆଧୁନିକୀକରଣ ଏବଂ ଘାଟ୍‌ଲୋଡିଆ, ଗୋଟା, ଚାନ୍ଦଲୋଡିଆ ଏବଂ ଥାଲଟେଜ୍‌ ମଧ୍ୟରେ ଆନ୍ତଃ ଯୋଗାଯୋଗ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଆଲୋଚନା କରାଯାଇଥିଲା । ଗାନ୍ଧିନଗର ଲୋକସଭା ଅଞ୍ଚଳରୁ ନୂତନ ଭାବେ ନିର୍ବାଚିତ ହୋଇଥିବା ୭୦ ଜଣ ପୌରନିଗମ କାଉନ୍‌ସିଲରଙ୍କୁ ମଧ୍ୟ ଶ୍ରୀ ଶାହା ଭେଟିଥିଲେ । ଜନସାଧାରଣଙ୍କ ଅଭିଯୋଗ ଏବଂ ସେଗୁଡ଼ିକର ତୁରନ୍ତ କାର୍ଯ୍ୟକାରିତା ନେଇ ପ୍ରଶାସନିକ ଅଧିକାରୀମାନଙ୍କ ସହ କାର୍ଯ୍ୟ କରିବା ଲାଗି ଶ୍ରୀ ଶାହା ସେମାନଙ୍କୁ ପରାମର୍ଶ ଦେଇଥିଲେ ।

ଗତକାଲି ଶ୍ରୀ ଶାହା ଅଖଣ୍ଡନନ୍ଦ ଏବଂ ଶାସ୍ତୁ ସାହିତ୍ୟ ମୁଦ୍ରଣ ଟ୍ରଷ୍ଟର କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ । ଶ୍ରୀ ଶାହା ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# ସିବିଆଇ-ନିଟ୍ ଆରେଷ୍ଟ

ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା – ସି.ବି.ଆଇ. ଆଜି ଜୀବବିଜ୍ଞାନ ପ୍ରଶ୍ନପତ୍ର ପ୍ରଘଟ ସହ ସମ୍ପୃକ୍ତ ପୁନେର ମନିଶା ଗୁର୍ନାଥ ମାନ୍ଧେରଙ୍କୁ ଗିରାଫ୍ କରିଛି । ମାନ୍ଧେର ଜଣେ ଉଭିଦ ବିଜ୍ଞାନ ଅଧ୍ୟାପିକା । ସି.ବି.ଆଇ. ପକ୍ଷରୁ କୁହାଯାଇଛି, ନିଟ୍-ୟୁଜି ୨୦୨୬ ପରୀକ୍ଷା ପ୍ରକ୍ରିୟାରେ ଏନ୍.ଟି.ଏ. ପକ୍ଷରୁ ତାଙ୍କୁ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା । ତଦନ୍ତକାରୀ ସଂସ୍ଥା ସୂଚନା ଅନୁସାରେ ମାନ୍ଧେର’ ନୀଟ୍ ପରୀକ୍ଷାର ଉଭିଦ ଓ ଜୀବବିଜ୍ଞାନ ପ୍ରଶ୍ନପତ୍ର ସମ୍ପର୍କରେ ପୂର୍ଣ୍ଣ ଅବଗତ ଥିଲେ ।

ବର୍ତ୍ତମାନ ସୁଦ୍ଧା ଦିଲ୍ଲୀ, ଜୟପୁର, ଗୁରୁଗ୍ରାମ୍, ନାଶିକ୍, ପୁନେ ଏବଂ ଅହଲ୍ୟାନଗରରୁ ସି.ବି.ଆଇ. ୯ ଜଣଙ୍କୁ ଗିରଫ୍ କରିଛି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ କୋର୍ଟ୍ ଚାଲାଣ କରାଯାଇଛି ଏବଂ ପୁଲିସ୍ ରିମାଣ୍ଡରେ ନେଇ ପ୍ରଶ୍ନପତ୍ର ପ୍ରଘଟ ସମ୍ପର୍କରେ ପଚରାଉଚରା ଜାରି ରଖିଛି । ମାମଲାରେ ଅନ୍ୟ ଦୁଇ ଜଣ ଗତକାଲି ଗିରଫ୍ ହୋଇଛନ୍ତି । ସି.ବି.ଆଇ. ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୬ଟି ସ୍ଥାନରେ ଚଢ଼ାଉ କରି ପରୀକ୍ଷା ସମ୍ପର୍କିତ ଦସ୍ତାବିଜ୍, ଲ୍ୟାପ୍‌ଟପ୍, ବ୍ୟାଙ୍କ୍ କାଗଜପତ୍ର ଓ ମୋବାଇଲ୍ ଫୋନ୍ ଜବତ କରିଛି ।

## ଦିଲ୍ଲୀ ପୋଲିସ୍ ଜିଏସ୍‌ଟି ଫ୍ରଡ୍

ଦିଲ୍ଲୀ ପୋଲିସ୍‌ର ଅର୍ଥନୈତିକ ଅପରାଧିକ ଶାଖା – ଇ.ଓ.ଡବ୍ଲ୍ୟୁ. ଦ୍ରବ୍ୟ ଓ ସେବାକର ଦୁର୍ନୀତି ମାମଲା ସହ ଜଡ଼ିତ ୬ ଜଣଙ୍କୁ ଗିରଫ୍ କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ଇ.ଓ.ଡବ୍ଲ୍ୟୁ.ର ଅତିରିକ୍ତ କମିଶନର ରବି କୁମାର ସିଂହ କହିଛନ୍ତି, ଏହି ଅଭିଯୁକ୍ତମାନେ ମିଥ୍ୟା ଫାର୍ମ ପରିଚାଳନା କରିଥିଲେ । ସେମାନେ ୫୦ଟି ମିଥ୍ୟା କମ୍ପାନୀ କରି ଜି.ଏସ୍.ଟି. ରିଟର୍ଣ୍ଣରେ ଦୁର୍ନୀତି, ମିଥ୍ୟା ବିଲିଂରେ ସମ୍ପୃକ୍ତ ଥିଲେ । ଏହି କମ୍ପାନୀଗୁଡ଼ିକରୁ ପ୍ରାୟ ୧୨୮ କୋଟି ଟଙ୍କାର ଜି.ଏସ୍.ଟି. ଫାଙ୍କିଥିଲେ । ସେମାନଙ୍କଠାରୁ ୫୧ ଲକ୍ଷ ଟଙ୍କା, ୧୫ଟି ମୋବାଇଲ୍ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।

## ଏଜୁକେସନ୍ ମିନିଷ୍ଟ୍ରି ମିଟିଂ

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ୧୪ରୁ ୧୮ ବର୍ଷ ବୟସ ମଧ୍ୟରେ ବିଦ୍ୟାଳୟ ଛାଡୁଥିବା ଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଉଦ୍‌ବେଗ ପ୍ରକାଶ ପାଇଛି । ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ସଚିବ ସଂଜୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜାତୀୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ ଏନ୍.ଆଇ.ଓ.ଏସ୍. ପକ୍ଷରୁ ପ୍ରସ୍ତାବିତ ନୂତନ ପଦକ୍ଷେପ ଏବଂ ରଣନୀତି କାର୍ଯ୍ୟକାରିତାର ସମୀକ୍ଷା ଏବଂ

ଆଲୋଚନା କରାଯାଇଥିଲା । ବୈଠକରେ ଶ୍ରୀ କୁମାର କହିଛନ୍ତି, ମିଳିଥିବା ତଥ୍ୟ ଅନୁଯାୟୀ ପ୍ରଥମ ଶ୍ରେଣୀରେ ୧୦୦ ଛାତ୍ର ନାମ ଲେଖାଉଥିଲେ ମଧ ଦ୍ୱାଦଶ ଶ୍ରେଣୀ ବେଳକୁ ଏହାର ସଂଖ୍ୟା ୬୨ରେ ପହଞ୍ଚୁଛି । ସେ କହିଛନ୍ତି, ୧୪ରୁ ୧୮ ବର୍ଷ ବୟସ ମଧ୍ୟରେ ୨ କୋଟିରୁ ଊର୍ଦ୍ଧ୍ୱ ଛାତ୍ର ବର୍ତ୍ତମାନ ବିଦ୍ୟାଳୟ ଛାଡ଼ିଛନ୍ତି । ଶିକ୍ଷା ବ୍ୟବସ୍ଥାରେ ଏହି ସଂଖ୍ୟା ହ୍ରାସର କାରଣ ସମ୍ପର୍କରେ ବୈଠକରେ ସମୀକ୍ଷା କରି ସଚିବ ଶ୍ରୀ କୁମାର କହିଛନ୍ତି, ଜଟିଳ ଆର୍ଥିକ ପରିସ୍ଥିତି, ଘରୋଇ ଦାୟିତ୍ୱ ଏବଂ ଜୀବନଶୈଳୀ ସମ୍ପର୍କିତ ସମସ୍ୟା ଏହାର କାରଣ ହୋଇଛି । ପ୍ରତ୍ୟେକ ଛାତ୍ର ଅତି କମ୍‌ରେ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଲାଭ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ପିଆଇବି-ଫାକ୍ଟଚେକ୍

ଭାରତୀୟ ପେଟ୍ରୋଲିୟମ୍ କମ୍ପାନୀ ପକ୍ଷରୁ ଭୁଟାନକୁ ଯୋଗାଇ ଦିଆଯାଉଥିବା ପେଟ୍ରୋଲ୍ ଭାରତ ତୁଳନାରେ ସ୍ୱଳ୍ପ ଦରରେ ବିକ୍ରି କରାଯାଉଛି ବୋଲି ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ମିଥ୍ୟା ଭିଡ଼ିଓକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟର ତଥ୍ୟ ଅନୁସନ୍ଧାନକାରୀ ସଂସ୍ଥା ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଏ ସମ୍ପର୍କିତ ଭିଡ଼ିଓ ପୁରୁଣା ଏବଂ ନାଗରିକମାନଙ୍କୁ ପଥଭ୍ରଷ୍ଟ କରିବା ଲାଗି

ଏହା ପ୍ରସାରିତ ହେଉଛି । ସରକାରୀ  ଭାବେ ଭୁଟାନରେ ବିକ୍ରି ହେଉଥିବା ପେଟ୍ରୋଲ୍ ତୈଳ ଦର ସମ୍ପର୍କରେ ଅବଗତ ହେବା ଲାଗି ପି.ଆଇ.ବି. ପକ୍ଷରୁ କୁହାଯାଇଛି ।

## ତେଲଙ୍ଗାନା-ସିଇଓ

ତେଲଙ୍ଗାନାରେ ଆସନ୍ତା ଜୁନ୍ ୧୫ ତାରିଖରୁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଦର୍ଶନ ରେଡ୍ଡୀ ହାଇଦ୍ରାବାଦ୍‌ଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି । ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଜୁନ୍ ୨୫ ତାରିଖରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ତାଲିକା ଯାଞ୍ଚ୍ କରିବେ । ଶ୍ରୀ ରେଡ୍ଡୀ କହିଛନ୍ତି, ରାଜ୍ୟରେ ଏହି ପ୍ରକ୍ରିୟା ପାଖାପାଖି ୨୫ ବର୍ଷ ପରେ କାର୍ଯ୍ୟକାରୀ କରାଯାଉଛି । ଜୁଲାଇ ୩୧ ତାରିଖରେ ଭୋଟର ତାଲିକା ଚିଠା ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଛନ୍ତି । ଅଗଷ୍ଟ ୩୦ ତାରିଖ ସୁଦ୍ଧା ଭୋଟର ତାଲିକା ସମ୍ପର୍କରେ ରହିଥିବା ବିଭିନ୍ନ ଅଭିଯୋଗ ଦାଖଲ କରାଯିବ । ଚୂଡ଼ାନ୍ତ ଭୋଟର ତାଲିକା ଅକ୍ଟୋବର ପହିଲାରେ ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ଏଏଲ୍ ମଇନୁକି–କିଲ୍ଡ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍' ଗତକାଲି ଆମେରିକା ଏବଂ ନାଇଜେରିଆ ଯବାନଙ୍କ ମିଳିତ ଅପରେସନ୍‌ରେ ନାଇଜେରିଆ ଇସଲାମିକ୍ ଷ୍ଟେଟ୍‌ଗ୍ରୁପ୍‌ର ନେତା ଆବୁ-ବିଲାଲ ଅଲ୍-ମାଇନୁକିର ନିହତ ହୋଇଥିବା ଘୋଷଣା କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ସାମାଜିକ ଗଣମାଧ୍ୟମରେ ଶ୍ରୀ ଟ୍ରମ୍ପ୍ ଆଫ୍ରିକାର ସବୁଠୁ ଜନବହୁଳ ରାଷ୍ଟ୍ରରେ ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଘୋଷଣା କରିଥିଲେ । ନାଇଜେରିଆ ରାଷ୍ଟ୍ରପତି ବୋଲା ତିନୁବୁ ମଧ୍ୟ ଏହି ଅପରେସନ୍‌କୁ ସୁନିଶ୍ଚିତ କରିଥିଲେ ଏବଂ ଚାଦ୍ ହ୍ରଦ ନିକଟରେ ଆମେରିକା ଏବଂ ନାଇଜେରିଆ ଯବାନଙ୍କ ମିଳିତ ଆକ୍ରମଣରେ ଅଲ୍-ମାଇନୁକିର ମୃତ୍ୟୁ ଘଟିଥିବା ସୂଚନା ଦେଇଛନ୍ତି ।

## ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍

ବ୍ୟାଙ୍ଗ୍‌କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଡବଲ୍ସ ବର୍ଗରେ ଭାରତର ସ୍ୱାତୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେମାନେ ମାଲେସିଆ ଯୋଡ଼ିଙ୍କୁ ସେମିଫାଇନାଲ୍ ୧୯-୨୧, ୨୨-୨୦, ୨୧-୧୬ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଫାଇନାଲ୍‌ରେ ଭାରତୀୟ

ଯୋଡ଼ି ଇଣ୍ଡୋନେସିଆର ଇୟୋ ରୋଲି କାର୍ଣ୍ଣାଣ୍ଡୋ ଏବଂ ଡାନିଏଲ୍ ମାର୍ଥିନ୍‌ଙ୍କୁ ଭେଟିବେ ।

## ୱେଟ୍‌ଲିଫ୍‌ଟିଂ

ଗାନ୍ଧିନଗର ଠାରେ ଚାଲିଥିବା ଏସୀୟ ଭାରୋତ୍ତଳନ ପ୍ରତିଯୋଗିତାରେ ମହିଳା ୭୭ କିଲୋଗ୍ରାମ୍ ବର୍ଗରେ ଭାରତର ସଂଜନା ତିନୋଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସଂଜନା ସ୍ନାଚ୍‌ରେ ୯୬ କିଲୋଗ୍ରାମ୍ ଏବଂ କିଲନ୍ ଓ ଜର୍କରେ ୧୨୪ କିଲୋଗ୍ରାମ ଏବଂ ଏହିପରି ମୋଟ୍ ୨୨୦ କିଲୋଗ୍ରାମ୍ ଭାରୋତ୍ତଳନ କରି ତିନୋଟି ବ୍ରୋଞ୍ଜ ପଦକ ପାଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ କୋଲକାତାର ଇଡେନ୍ ଗାର୍ଡେନ୍ ଠାରେ କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗୁଜରାଟ ଟାଇଟନ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।